ODM EDUCATIONAL GROUP
Changing your Tomorrow

# ଛୋଟ ମୋର ଗାଆଁଟି

କବି:ସଚ୍ଚିଦାନନ୍ଦ ରାଉତରାୟ

ଶ୍ରେଣୀ:ସପ୍ତମ

ଚତୁର୍ଥ ଦିନ

SUB-CONCEPTS:ଆଳୁଅ ଠାରୁ ଅନ୍ଧାର ବେଶ ମନୋହର ।

ପୂର୍ବ ପାଠର ଆଲୋଚନା-

୧.ରକତ ହୋଇ କିଏ ବହିଯାଏ ?
୨.ପ୍ରାଣ-ନାହା କହିଲେ କ'ଣ ବୁଝ ?
୩.ଆଖିରେ ନୂଆ ଚାହାଁଣି କିଏ ଦେଲା?

# କବିତାଂଶ ବ୍ୟାଖ୍ୟା:

ତାହାରି ଲତା,ତାହାରି ବଣ
ତା'ଗାଈ ଗୋଠ ମୁରଲୀ-ସ୍ୱନ
ଫସଲକଟା ମଧୁର ଗାନ
ସକଳ ମୋର ସାହାଟି ।
ଛୋଟ ମୋର ଗାଆଁଟି ।
ଆଲୁଅ ତାର କି ମନୋହର ।
ଅନ୍ଧକାର ତାଠାରୁ ଭଲ,
ଜୀବନ ମଧ୍ୟେ ମଙ୍ଗଳ ତାର

ଏସବୁ କଥା ଛବିଟି ପରି
ପ୍ରବାସେ ମନେ ଉଠଇ ଝଳି ।
ଇଛା ହୁଏ ମାଟିରେ ତାର
ଶିରଟି ଥରେ ନୁଆନ୍ତି
ଛୋଟ ମୋର ଗାଆଁଟି ।



- ଗ୍ରାମ ଉପକଣ୍ଠରେ ଥିବା ବଣଲତା ଆଢୁଆଳରୁ ଗାଈଗୋଠ ସହ ଗାଈଆଳ ପିଲାର ଘରବାହୁଡା ଦୃଶ୍ୟ ନାଚିଉଠିଛି କବିଙ୍କ କଳ୍ପନା ନେତ୍ରରେ । କାନରେ ବାଜି ଯାଉଛି ଗାଈଆଳ ପିଲାର ବଂଶୀସ୍ୱର ।
- ଶୀତଋତୁରେ କୃଷିଜୀବୀ ଗ୍ରାମବାସୀମାନେ କିପରି ଆନନ୍ଦ ମନରେ ଫସଲ କାଟି ଖଳାବାଡି ବୋହି ଆଣନ୍ତି ସେସବୁ କବିଙ୍କର ମନେ ପଡିଯାଇଛି ।
- ନିର୍ମଳ ଆକାଶରେ ରୂପେଲୀ ଜହ୍ନର ଶୀତଳ କିରଣ ତଥା ଅମାବାସ୍ୟାର ଅନ୍ଧକାର ସବୁକିଛି ଗାଁ ଭୂଇଁରେ ହିଁ ଅନୁଭୂତ ହୋଇଥାଏ । କବିଙ୍କ ପାଇଁ ସେହି ଆଲୋକ ଓ ଅନ୍ଧକାର ଅଭୁଲା ହୋଇ ରହିଆସିଛି ।
- ସହରରେ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିଲେ ମଧ୍ୟ କବିଙ୍କ ମନ ତାଙ୍କର ସେହି ପଲ୍ଲୀଭୂମି ପ୍ରତି ବାରମ୍ବାର ଆକର୍ଷିତ ହୋଇଛି ଓ ସେଥିପାଇଁ ସେ ନତମସ୍ତକ ହୋଇ ଜନ୍ମମାଟି ପ୍ରତି ଅନ୍ତରର ଭକ୍ତିଅର୍ଘ୍ୟ ବାଢିଛନ୍ତି ।

ODM EDUCATIONAL GROUP

# କଠିନ ଶବ୍ଦର ଅର୍ଥ:

- ଉଷା-ସକାଳ
- ମୂରଲୀ-ବଂଶୀ
- ସ୍ୱନ-ସ୍ୱର
- ସକଳ-ସବୁ
- ପ୍ରବାସ-ବିଦେଶ
- ରାହା-ପଥ
- ଝଳି-ଝଲସି ଉଠିବା

# ବ୍ୟାକରଣଗତ ଶବ୍ଦ:

**ବିପରୀତ ଶବ୍ଦ:**

ଆଲୁଅ-ଅନ୍ଧାର

ଭଲ-ମନ୍ଦ

ଜୀବନ-ମୃତ୍ୟୁ

ଇଚ୍ଛା-ଅନିଚ୍ଛା

**ପ୍ରତିଶବ୍ଦ :**

ଶିର-ମୁଣ୍ଡ,ମଥା

ପଥ-ବାଟ,ରାସ୍ତା

ପ୍ରବାସ-ବିଦେଶ,ବାହ୍ୟଦେଶ

# ଗୃହକର୍ମ:

## କବିତାଟିକୁ ପଢି ଅନୁଚ୍ଛେଦଟି ଲେଖ ।

# THANKING YOU

# ODM EDUCATIONAL GROUP